ପ୍ରେସ୍‌ନୋଟ୍

## ଆଜି ଅନୁଗୋଳ ଜିଲ୍ଲାରୁ ୧୬୨ ଜଣ କରୋନା ପଜିଟିଭ ଚିହ୍ନଟ -

### ପଜିଟିଭ ସଂଖ୍ୟା ୩୦୪୭ ରେ ପହଞ୍ଚିଲା - ସୁସ୍ଥ ହେଲେ ୯୧ ଜଣ ।

ଅନୁଗୋଳ,ତା. ୨୨.୯:- ଆଜି ଅନୁଗୋଳ ଜିଲ୍ଲାରୁ ଗୋଟିଏ ଦିନରେ ୧୬୨ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ୱାବ ନମୁନା ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଆଜି ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୬୦ରେ ପହଂଚିଲା । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରେ ବଅଁରପାଳ ବ୍ଲକ୍ ଅଂଚଳରୁ ୫୩ ଜଣ (୪୨ ଜଣ ପୁରୁଷ ଓ ୧୧ଜଣ ମହିଳା), ଅନୁଗୋଳ ପୌରାଂଚଳରୁ ୨୨ ଜଣ (୧୨ଜଣ ପୁରୁଷ ଓ ୧୦ ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୨୨ ଜଣ (୧୯ଜଣ ପୁରୁଷ ଓ ୩ ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୨୦ ଜଣ (୧୩ଜଣ ପୁରୁଷ ଓ ୭ ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୧୯ ଜଣ (୧୬ଜଣ ପୁରୁଷ ଓ ୩ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୦ ଜଣ (୭ଜଣ ପୁରୁଷ ଓ ୩ ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୬ ଜଣ (୪ଜଣ ପୁରୁଷ ଓ ୨ ଜଣ ମହିଳା), ତାଳଚେର ପୌରାଂଚଳରୁ ୫ ଜଣ (୪ଜଣ ପୁରୁଷ ଓ ୧ ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୪ ଜଣ (୩ଜଣ ପୁରୁଷ ଓ ୧ ଜଣ ମହିଳା) ଓ କିଶୋରନଗର ବ୍ଲକ୍ ଅଂଚଳରୁ ୧ ଜଣ (୧ଜଣ ମହିଳା) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୯୧ ଜଣ ସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୦ ଜଣ କୋଭିଡ ହସପିଟାଲରୁ ଓ ୮୧ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୬୪୫ ତା.୨୨.୦୯.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

22/9/20

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ